ଜତୁଗୃହ ଦାହର ମନ୍ତ୍ରଣା
ଆହୋ ବଦୟନ୍ତି ଅଗସ୍ତି ଶୁଣ ହୋ ଯୁଗବାସୀ
ଅମୃତ ରସ ଭାରଥ, ଶରୀର ଯେହ୍ନେ ତୋଷି ।୧ ।
----------------------------

{ ଜାନକୀ ବଲ୍ଲଭ ଚରଣେ ମୋର ସେବା
୯୫ { ଶୁଦ୍ର ମୁନି ସାରୋଳା ଦାସକୁ କପିଳାସ ଦେବା ।
{ ପାର୍ବତୀର ବଲ୍ଲଭ ଚରଣେ ମୁହିଂ ଘୋଷି
{ ଶୁଦ୍ରମୁନି ସାରୋଳା ଦାସ ମୁଂ କପିଳାସ ବାସୀ ।
୯୦ ।୨ ଅହିଲା-ଅହଲ୍ୟା

ପାଣ୍ଡବାସୁରକୁ ଯହୁଂ ପାଣ୍ଡବେ ବଧ କଲେ
ତହୁଂ ସେ ପାଣ୍ଡବ ନାମ ପାଞ୍ଚେହେଂ ବହିଲେ ।୨ ।
ଧାତୁବାଦ ପୁରୁଷ ବୋଇଲେ ଶୂନ୍ୟଦେବ
ଆଜହୁଂ ତୁମ୍ଭ ନାମ ହେଉ ଯେ ପଞ୍ଚୁ ପାଣ୍ଡବ ।୩ ।
ଅସାଷ୍ଟମ ହୋଇ ଯେ ପଡିଥିଲେ କୁରୁବୀରେ
ଶରୀର ପାଇଲେ ଶେ ଅର୍ଜୁନର ଜୀବନ୍ୟାସ ଶରେ ।୪ ।
ଭୀମସେନ ବୋଇଲା ରେ ପ୍ରତଗ୍ୟାଂ କରୁଥିଲ
କପଠ ଭିଆଇ ମୋତେ ବିଷଲଡୁ ଦେଲ ।୫ ।
ତୁମ୍ଭର ନିମନ୍ତ ରେ ପାଣ୍ଡବାସୁର ନାଶି
ପାଣ୍ଡବ ନାମ ଆମୃନ୍ତ ଦିଲେ ସ୍ୱର୍ଗବାସୀ ।୬ ।
ଚଳନ୍ତି କୁରୁବୀରେ ଅନେକ ଅଭିମାନେ
ବିଜୟେ କୁରୁବୀରେ ହସ୍ତିନା ଭୁବନେ ।୭ ।
ସଞ୍ଜୟେ କହିଲେ ଶୁଣ ଅମ୍ବିକାର ସୁତ
ପୁଅଙ୍କର ଚରିତ୍ର ତୋର ଶୁଣ ବିପରୀତ ।୮ ।
ବଳରାମଙ୍କ ମେଳୁଂ ଆସନ୍ତେ ତୋର ପୁତ୍ରେ
ପାଣ୍ଡବାସୁର ଦାନବ ଯେ ଦେଖିଲା ବନସ୍ତେ ।୯ ।
ସାଂଗ୍ରାମ କରି ସବୁନ୍ତିହିଂ ମାଇଲା ମହାରୋଳ
କ୍ଷଣ କରିବ ସବୁ ପକାଇ ଅନଳେ ।୧୦ ।
ପଣ୍ଡୁର ନନ୍ଦନ ଯେ ଦେଖିଲେ ୟେମନ୍ତର ସମୟେ
ଅସୁର ମାରି ପ୍ରତଗ୍ୟାଂ ସାଚା କଲା ପବନ ତନୟେ ।୧୧ ।
ଅସୁର ମାରି ଯହୁଂ ପ୍ରତଗ୍ୟାଂ ସାଚା କଲେ
ପଞ୍ଚୁ ପାଣ୍ଡବ ବୋଲି ଆକାଶେ ଡାକିଲେ ।୧୨ ।
ସଞ୍ଜୟ କହନ୍ତେଣ ପ୍ରବେଶ ଦ୍ରିଯୋଧନ
ଧୃତରାଷ୍ଟ୍ରଙ୍କ ଅଗ୍ରେ ସମସ୍ତ କହିଲା କର୍ଣ୍ଣ ।୧୩ ।
ଶଙ୍କୁନି କହିଲା ଦେବ ଶୁଣ କୁରୁବଇ
ଭୀମସେନ ପାର କଲା ସେ ବିଷଲଡୁ ଖାଇ ।୧୪ ।
ସଞ୍ଜୟେ ତୋ ବଂଶ ନାଶ ହେବ ହୋ କୁରୁବଇଂ
ପାଣ୍ଡବ ବ୍ରତିଥିଲେ ତୋର ପୁଅଙ୍କର ଜୀବନ ନାହିଂ ।୧୫ ।

ଶୁଣିଣ ବିଷାଦ ହୋଇଲା ସେ ଅମ୍ବିକାର ବଳା
ଅଗାଦ ସମୁଦ୍ରେ ନିଷ୍ଟେ ମୋହୋର ବୁଡିଲାକ ଭେଳା ।୧୬ ।
ସଙ୍କୁନି ବୋଇଲା ତୁ ଶୁଣ ରାଜ୍ୟେଶ୍ୱର
ପାଣ୍ଡବଙ୍କର ନାଶ ଯେହ୍ନେ ଉପାୟେ ଦେବ କର ।୧୭ ।
ୟେସନେକ ବିଚାର ଯେ କରଇ କୁରୁନାଥେ

ପାଣ୍ଡବେ ରହିଛନ୍ତି ବାରୁଣାବନ୍ତେ ପ୍ରଶସ୍ତେ ।୧୮ ।
ବାସୁଦେବଙ୍କୁ ସୁମରନ୍ତି ୟେକାନ୍ତେ ଯୁଝେଷ୍ଠି
ଯୁଝେଷ୍ଠି ସୁମରନ୍ତେ ଦେବ ମିଳିଲେ ଗରୁଡର ପିଠି ।୧୯ ।
ରାତ୍ର ଅର୍ଦ୍ଧମାନେ ଶଙ୍କୁନି ହକାରୀ ଭଗବାନ
ସଙ୍ଗତେ ଘେନିଛନ୍ତି ସହଦେବ ମନ୍ତ୍ରୀ ପୁଣ ।୨୦ ।
ତିନି ଜଣ ବସି ଯେ ବିଚାର କରନ୍ତି
ଜଦୁଘର ତୁମ୍ଭ ପାଇଂ ଭିଆଇ ଅଛିଟି କୁରୁପତି ।୨୧ ।
ସହଦେବ ବୋଇଲେ ତୁ ମାତୁଳ ଶୁଣିମା
ଜଦୁର ଘର ଭିଆଇ ଅଛନ୍ତି କାହାକୁ ରଖିବେ ମହାତମା ।୨୨ ।
ଗୋବିନ୍ଦେ ବୋଇଲେ ତୁମ୍ଭେ ଶୁଣ ହୋ ବେନି ମନ୍ତ୍ରୀ
ଯୁଝେଷ୍ଠିଙ୍କି ଡକାଇ କହିବା ୟେ ଘାନ୍ତି ।୨୩ ।
ବଦନ୍ତି ଶଙ୍କୁନି ଶୁଣିମା ବାସୁଦେବ
ଧର୍ମ ସୁତଙ୍କୁ ଦେବ କି ଅବା କହିବ ।୨୪ ।
ଯୁଝେଷ୍ଠିଙ୍କି ହକାରୀ ଆଣିଲେ ନିଶା ଭାଗେ
ସକଳ ବୃତ୍ତାନ୍ତ ଯେ କହନ୍ତି ତାଙ୍କ ଆଗେ ।୨୫ ।
ପୁରଞ୍ଜନ ପଣ୍ଡା ଯଦୁଘର ବେଗେ ଦହନ କରିବ
ବୋଲନ୍ତି ଧର୍ମ ନନ୍ଦନ ଶୁଣ ବାସୁଦେବ ।୨୬ ।
ୟେ ଘୋର ସଂକଟରୁ ତୁମ୍ଭେ ସେ ରଖିବ
ତୁମ୍ଭେ ସାହାପକ୍ଷ ହୋଇଥିଲେ କେ କିସ ଯେ କରିବ ।୨୭ ।
ବ୍ୟାସ ବାସୁଦେବ ବିଦୁର ମୋତେ ସପକ୍ଷ ହୋଇଥିଲେ
କେହୁ ଜିଣିମ ମୋତେ ପୃଥିବୀରେ ଭଲେ ।୨୮ ।

---------------------------

୨୦ ।୧ ଶଙ୍କୁନି ସୁମରିଲେ ଭଗବାନ । ପୁରଞ୍ଜନ ଓ ପୁରୋତନ ପାଠ ଅଛି ।

"ବାସୁଦେବଙ୍କୁ ସୁମରନ୍ତି" ଠାରୁ "ପୁରୋଚନ ରାଇଣ" ପର୍ଯ୍ୟନ୍ତ ପଦମାନ କେତେକ ପୋଥିରେ ଛାଡିଅଛି-

ୟେକାନ୍ତେ ବାସୁଦେବ କହିଲେ ସହଦେବଙ୍କୁ
ରାତ୍ରେଣ ଜଗାଇ ରଖାଇବ ପୁର ଭୀମସେନକୁ ।୨୯ ।
ୟେତେ କହି ଶଙ୍କୁନି ବାସୁଦେବ ଅନ୍ତର୍ଦ୍ଧାନେ ଗଲେ
ହରି ହରି ସୁମରୀ ପାଣ୍ଡବେ ନିଜ ନବରକୁ ଅଇଲେ ।୩୦ ।
ପୁରଞ୍ଜନ ରାଇଣ ବୋଇଲା କୁରୁପତି
ତୁ ଷା ବ୍ରାହ୍ମଣ ହୋ ପାଣ୍ଡବଙ୍କର କତି ।୩୧ ।
ସୁପକାର ପଣେଣ ପାକ ସଞ୍ଚି ଦେବୁ
ବିଷ ପରଶିଣ ତୁ ପାଣ୍ଡବନ୍ତ ନାଶିବୁ ।୩୨ ।
ନିଦ୍ରା ଯିବେ ପାଣ୍ଡବେ ଯେବଣ ନିଶାକାଳେ
ଜଦୁର ଘରେ ତୁ ଲଗାଇବୁ ଅନଳେ ।୩୩-୬୧୯୨ ।